ଧରିତ୍ରୀ
DHARITRI
ସୋମବାର, ୧୪ ଜାନୁୟାରୀ,୨୦୧୯



## ସଂକ୍ଷେପରେ

### ବଣିନାଳୀରେ ରକ୍ତଦାନ ଶିବିର



ବଇଣ୍ଡା, ୧୩।୧(ଡି.ଏନ.ଏ.)- କିଶୋରନଗର ବ୍ଲକ ବଣିନାଳୀ ବିଶ୍ୱ ଯୁବକେନ୍ଦ୍ର ପରିସରରେ ରବିବାର ବିଶ୍ୱ ଯୁବକେନ୍ଦ୍ର, ଅସହାୟ ସହାୟତା କମିଟି ଆନୁକୂଲ୍ୟରେ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଉରକେଲା ଗାନ୍ଧୀ ପ୍ରତିଷ୍ଠାନର ସମ୍ପାଦକ ନାରାୟଣ ଦାସ, ଅନ୍ୟତମ ଅତିଥି ଅବସରପ୍ରାପ୍ତ ଡାକ୍ତର ଦୀନବନ୍ଧୁ ପ୍ରଧାନ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ପ୍ରତାପ ପ୍ରଧାନ, ସମାଜିକ କର୍ମୀ ଅର୍ଜୁନ ସାହୁ, ନୁନୁକାପଶି ସରପଞ୍ଚ ଜଳଧର ସାହୁ, ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର, ଜିତେନ୍ଦ୍ର ବେହେରା, ସନ୍ତୋଷ ସାହୁ, ପ୍ରଦୀପ ଘିଓ୍ୱାଲା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ୨୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଅନୁଗୋଳ ବ୍ଲଡ ବ୍ୟାଙ୍କର ଭଜନ ପାଲ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବ୍ଲଡ ବ୍ୟାଙ୍କ ସଂଯୋଜକ ପ୍ରଫୁଲ୍ଲ ଦାସ, ଅଭିଷେକ ମହାପାତ୍ର, ରମେଶଚନ୍ଦ୍ର ଦେହୁରି, ସନ୍ତୋଷ ବିଶୋୟୀ, ରୀନାବାଈ ରାଠୋର ପ୍ରମୁଖ ସହଯୋଗ କରିଥିଲେ।

# ଆଜି ଠାରୁ ୭ମ ଜିଲା ମହୋତ୍ସବ





ମହୋତ୍ସବ ଉପଲକ୍ଷେ ଜଣେ ଶିଳ୍ପୀ ପରିବେଶ ସୁରକ୍ଷା ଉପରେ ଚିତ୍ର ଆଙ୍କୁଛନ୍ତି। ରଙ୍ଗିନ ଆଲୋକମାଳାରେ ଷ୍ଟାଡିୟମ ସଜେଇ ହୋଇଛି।

**ଅନୁଗୋଳ ଅଫିସ, ୧୩।୧**

- ସଜେଇ ହୋଇଛି ଷ୍ଟାଡ଼ିୟମ
- ଯୋଗ ଦେବେ ଓଲିଉଡ଼ ତାରକା

ସୋମବାର ଅନୁଗୋଳ ଷ୍ଟାଡିୟମଠାରେ ଅନୁଷ୍ଠିତ ହେବ ୭ମ ଜିଲା ମହୋତ୍ସବ। ଏଥିପାଇଁ ଷ୍ଟାଡ଼ିୟମ ସଜେଇ ହେବା ସହ ଗେଟ୍ ମଧ୍ୟ ପ୍ରସ୍ତୁତ ହୋଇ ସାରିଛି। ରଙ୍ଗ ବେରଙ୍ଗର ଆଲୋକରେ ମହୋତ୍ସବ ପାଇଁ ଷ୍ଟାଡିୟମରେ ମଞ୍ଚ ମଧ୍ୟ ପ୍ରସ୍ତୁତ ସରିଛି। ଏହାକୁ ଅଧିକ ଆକର୍ଷଣୀୟ କରିବାକୁ ଉଦ୍‌ଘାଟନୀ ସନ୍ଧ୍ୟାରେ ଓଲିଉଡ଼ ତାରକା ଏଲିନା, ହ୍ୟୁମାନ ସାଗର, ଆରଏସ୍ କୁମାର ଓ ମାନସୀ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବା ଜିଲା ପ୍ରଶାସନ ପକ୍ଷରୁ ଅବଗତ କରାଯାଇଛି। ଏଥିସହ ଅନୁଗୋଳର ନୃତ୍ୟନିଳୟ ପକ୍ଷରୁ ଓଡ଼ିଶୀ ନୃତ୍ୟ ସାଙ୍ଗକୁ ଗଞ୍ଜାମର ଯୋଡ଼ି ଶଙ୍ଖ, ପଞ୍ଜାବର ଭାଙ୍ଗଡ଼ା ନୃତ୍ୟ, ଗୁଜରାଟର ସିଦ୍ଧି ଧମାଲ, ସୁନ୍ଦରଗଡ଼ ଓ ବୌଦ୍ଧ ନୃତ୍ୟ ଦଳର ସମ୍ବଲପୁରୀ ନୃତ୍ୟ, କୋରାପୁଟର ଆଦିବାସୀ ନୃତ୍ୟ ପ୍ରମୁଖ ମୁଖ୍ୟ ଆକର୍ଷଣ ସାଜିବ। ଷ୍ଟାଡ଼ିୟମ ପଡିଆରେ ମଧ୍ୟ ପଲ୍ଲିଶ୍ରୀ ମେଳାର ୮୦ଟି ଷ୍ଟଲରେ ରାଜ୍ୟର ପ୍ରମୁଖ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ବିକ୍ରୟ କରାଯିବା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

## ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ

**କଣିହାଁ, ୧୩।୧(ଡି.ଏନ.ଏ.)**

କଣିହାଁ ବ୍ଲକ ବିଜିଗୋଲସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପକ୍ଷରୁ ସ୍ୱାମୀ ବିବେକାନନ୍ଦଙ୍କ ୧୫୩ତମ ଜୟନ୍ତୀ ସହ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରହ୍ଲାଦ ଚନ୍ଦ୍ର ପାଣିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଏନ୍‌ଟିପିସି ଆଇଏନ୍‌ଟିୟୁସିର ସାଧାରଣ ସମ୍ପାଦକ ସତ୍ୟାନନ୍ଦ ସାହୁ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଦୁଃଶାସନ ସାହୁ, ଶିକ୍ଷାକେନ୍ଦ୍ର ସମ୍ପାଦକ ପଦ୍ମଚରଣ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ଓ ସମୟାନୁବର୍ତ୍ତୀ ହେବା ପାଇଁ ମୁଖ୍ୟଅତିଥି ପରାମର୍ଶ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ମନୋଜ କୁମାର ମଲ୍ଲିକ, ଆଚାର୍ଯ୍ୟା ଅନସୂୟା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଜେଏସ୍‌ପିଏଲ୍ ଫାଉଣ୍ଡେଶନ ତରଫରୁ ମେଧାବୃତ୍ତି ଘୋଷଣା

**ଅନୁଗୋଳ ଅଫିସ, ୧୩।୧**

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ଼ର ପ୍ରତିଷ୍ଠାତା ଓମ୍ ପ୍ରକାଶ ଜିନ୍ଦଲଙ୍କ ସ୍ମୃତିକୁ ଜେଏସ୍‌ପିଏଲ ଫାଉଣ୍ଡେଶନ ପକ୍ଷରୁ ଆର୍ଥିକ ଅନଗ୍ରସର ବର୍ଗରେ ମେଧାବୀ ଛାତ୍ରୀଛାତ୍ରମାନଙ୍କ (ଇଡବ୍ଲୁଏମ୍‌ଏସ୍) ପାଇଁ ଓପି ଜିନ୍ଦଲ ଷ୍ଟାର ଓ ଓପି ଜିନ୍ଦଲ ଜୁଏଲ ନାମରେ ଦୁଇଟି ମେଧାବୃତ୍ତି ଘୋଷଣା କରାଯାଇଛି। ଯୁକ୍ତ ୨ ପ୍ରଥମ ବର୍ଷ (କଳା, ବିଜ୍ଞାନ ଓ ବାଣିଜ୍ୟ)ରେ ଅଧ୍ୟୟନ କରୁଥିବା ୨୦ ଛାତ୍ରୀଛାତ୍ରଙ୍କୁ ଓପି ଜିନ୍ଦଲ ଷ୍ଟାର ମେଧାବୃତ୍ତି ପ୍ରଦାନ କରାଯିବ। ସେହିପରି ଇଞ୍ଜିନିୟରିଂ, ମେଡିକାଲ ଏବଂ ଆଇନ ଭଳି ସ୍ନାତକୋତ୍ତର ପାଠ୍ୟକ୍ରମରେ ଦେଶର ଯେ କୌଣସି ଅନୁଷ୍ଠାନରେ ଅଧ୍ୟୟନରତ ପ୍ରଥମ ବର୍ଷର ୫୦ ଛାତ୍ରୀଛାତ୍ରଙ୍କୁ ଓପି ଜିନ୍ଦଲ ଜୁଏଲ ମେଧାବୃତ୍ତି ମଧ୍ୟ ପ୍ରଦାନ କରାଯିବ। ଜେଏସ୍‌ପିଏଲ୍ ଫାଉଣ୍ଡେସନ ପକ୍ଷରୁ ନିର୍ଦ୍ଧାରିତ ସର୍ତ୍ତ ମୁତାବକ ମାର୍କ ରଖିଥିବା ଛାତ୍ରୀଛାତ୍ରଙ୍କୁ ଏହି ମେଧାବୃତ୍ତି ପ୍ରଦାନ କରାଯିବ। ପ୍ରାର୍ଥିନୀ ଓ ପ୍ରାର୍ଥୀ ଅନୁଗୋଳ ଜିଲାର ବଁଅରପାଳ କିମ୍ବା ଛେଣ୍ଡିପଦା ବ୍ଲକର ଜଣେ ସ୍ଥାୟୀ ବାସିନ୍ଦା ହୋଇଥିବା ସହ ସରକାରୀ କିମ୍ବା ବେସରକାରୀ ସ୍କୁଲ, କଲେଜରେ ନାମ ଲେଖାଇଥିବେ ଏବଂ ଯାହାର ମାସିକ ଶିକ୍ଷା ଶୁଳ୍କ ୫୦୦ଟଙ୍କାରୁ କମ୍ ହୋଇଥିବା ଆବଶ୍ୟକ ବୋଲି ଜେଏସ୍‌ପିଏଲ ପକ୍ଷରୁ କୁହାଯାଇଛି। ମେଧାବୃତ୍ତି ଆବେଦନକାରୀ ଅଭିଭାବକଙ୍କର ସମସ୍ତ ସୂତ୍ରରୁ ବାର୍ଷିକ ଆୟ ୨ ଲକ୍ଷରୁ ଅଧିକ ହୋଇ ନ ଥିବ ଓ ଆବେଦନକାରୀ ଅନ୍ୟ କୌଣସି ସୂତ୍ରରୁ ବୃତ୍ତି ପାଉ ନ ଥିବା ଆବଶ୍ୟକ। ଏହି ବୃତ୍ତି ହାସଲ କରିବା କ୍ଷେତ୍ରରେ ବାଳିକା, ଦିବ୍ୟାଙ୍ଗ ପ୍ରାର୍ଥିନୀ ଓ ପ୍ରାର୍ଥୀ ଏବଂ ମାତାପିତା ଛେଉଣ୍ଡ ପ୍ରାର୍ଥିନୀ ଓ ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ଜେଏସପିଏଲ ଫାଉଣ୍ଡେଶନ ପକ୍ଷରୁ ପ୍ରକାଶ କରାଯାଇଅଛି। ଛାତ୍ରୀଛାତ୍ରମାନେ ଅଧିକ ବିବରଣୀ ପାଇଁ ତାପସ ମହାନ୍ତିଙ୍କୁ ମୋବାଇଲ ନମ୍ବର ୯୭୭୭୪୪୩୮୮୯ରେ ଯୋଗାଯୋଗ କରିବାକୁ ମଧ୍ୟ କୁହାଯାଇଛି।

# ମକର ମିଳନ ଉତ୍ସବରେ କବିତା ପାଠୋତ୍ସବ



ଅନୁଗୋଳ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ମକର ମିଳନ ଉତ୍ସବ।

**ଅନୁଗୋଳ ଅଫିସ, ୧୩।୧**

ପବିତ୍ର ମକର ସଂକ୍ରାନ୍ତି ପୂର୍ବରୁ ଅନୁଗୋଳ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ମକର ମିଳନ ଉତ୍ସବ ନବଜୀବନ ମଣ୍ଡଳ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରବିବାର କାର୍ଯ୍ୟକ୍ରମ ପ୍ରାରମ୍ଭରେ ବାଜିରାଉତ ଛାତ୍ରାବାସର ଛାତ୍ରୀଛାତ୍ରମାନେ ଅରଟରେ ସୂତା କାଟିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପରେ ବିଭିନ୍ନ ସ୍ଥାନରୁ ଆସିଥିବା କବିମାନଙ୍କ ମଧ୍ୟରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବିଜ୍ୟୋତି ନିରଞ୍ଜନ ପତିଙ୍କ ସଭାପତିତ୍ୱରେ ମଞ୍ଚାସୀନ ଅତିଥି ଭାବରେ ଶିବରାମ ମିଶ୍ର, ଗାଳ୍ପିକ ଅସିତ କୁମାର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ସନତ କୁମାର ନାୟକ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ବରିଷ୍ଠ ବ୍ୟଙ୍ଗ କବି ଶ୍ରୀ ଅବାଗିଆ ଓ କବି ସୁରଞ୍ଜନ ପାତ୍ର କବିତା ଗୁଡ଼ିକ ସଂଯୋଜନା କରିଥିଲେ। କବିତା ପାଠୋତ୍ସବରେ ଅରୁଣ କୁମାର ସାହୁ, ଦୀପକ କୁମାର ସାହୁ, ଅସିତ ପଟ୍ଟନାୟକ, ନିରଞ୍ଜନ ପତି, ସନତ ନାୟକ, ମଞ୍ଜୁଶ୍ରୀ ଦାସ, ଦିପ୍ତୀମୟୀ ବିଶ୍ୱାଳ, କୁମୁଦିନୀ ବେହେରା, ନନ୍ଦିନୀ ରାଉତ, କିଶୋର ଚନ୍ଦ୍ର ସାହୁ, ମୁରଲୀଧର ମୂଳିଆ, ସତ୍ୟସୁନ୍ଦର ଦାସ, ଶିବରାମ ମିଶ୍ର, ରମେଶ ଚନ୍ଦ୍ର ବାରିକ, ଧୀରେନ ମିଶ୍ର, ଅନନ୍ତ କୁମାର ନାୟକ, ସତ୍ୟରଞ୍ଜନ ପତି, ଦୀପକ ସାହୁ, ଧ୍ରୁବଚରଣ ଦ୍ୱିବେଦୀ, ଶାନ୍ତିଲତା ରଥ, ଆଲୋକ କୁମାର ବେହେରା, ପ୍ରଫୁଲ୍ଲ କୁମାର ସାହୁ, ସୁରଞ୍ଜନ ପାତ୍ର, ବୈରାଗୀ ମଲ୍ଲିକ ପ୍ରମୁଖ କବିମାନେ ଅଂଶଗ୍ରହଣ କରି କବିତା ପାଠ କରିଥିଲେ। ଛାତ୍ର ବିକାଶ କୁମାର ମାଝୀ ସାନ୍ତାଳ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ କବି ଅରୁଣ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସଂସ୍କୃତି ଜଡ଼ିତ ଶିକ୍ଷାଦାନରେ ସମାଜ ସୁଧୁରିବ



କୋଶଳା ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

**ଛେଣ୍ଡିପଦା/ମାଧପୁର, ୧୩।୧(ସ୍ୱ.ପ୍ର)**

ଛେଣ୍ଡିପଦା ବ୍ଲକ କୋଶଳା ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ପରିଚାଳନା କମିଟି ସଭାପତି କୁଞ୍ଜବିହାରୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନାଲ୍‌କୋ ଖଣି ବିଭାଗର ମହାପ୍ରବନ୍ଧକ ସନ୍ତୋଷ କୁମାର ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବେ ସାମାଜିକ ସମରସତା ମଞ୍ଚ ଢେଙ୍କାନାଳର ବିଭାଗ ସଂଯୋଜକ ଶରତ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କୁ ଶିକ୍ଷା ସଚେତନତା ଭିତ୍ତିକ ପରାମର୍ଶ ଦେଇଥିଲେ। ପୂର୍ବ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରିଚାଳନା ସମିତି ଉପସଭାପତି ଚିତ୍ତରଞ୍ଜନ ସାହୁ, କୋଷାଧ୍ୟକ୍ଷ ବେଣୁଧର ସାହୁଙ୍କ ସମେତ ସଦସ୍ୟମାନେ ସହଯୋଗ କରିଥିଲେ। ସେହିପରି ରାଇଝରଣ ପଞ୍ଚାୟତ କଙ୍କରାଇ ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବେଣୁଧର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲାପରିଷଦ ସଭ୍ୟ ଭାସ୍କର ଚନ୍ଦ୍ର ସାହୁ, ମୁଖ୍ୟବକ୍ତା ଯୁବନେତା ବିଜୟ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଝରଣା ବେହେରା, ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଆଠମଲ୍ଲିକ ବ୍ଲକ ମାଧପୁର ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ବିଡିଓ ରାହସ ଚନ୍ଦ୍ର ନାୟକ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରତନ କୁମାର ରଥ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଅଜିତ କୁମାର ମେଣ୍ଡୁଲି ଅତିଥି ପରିଚୟ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ତରୁଣ କୁମାର ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଓଡ଼ିଆ ଶିକ୍ଷା ବିକାଶ ସମିତି ସୁବର୍ଣ୍ଣପୁର ବିଭାଗର ବିଭାଗ ପ୍ରମୁଖ ରାଜକୁମାର ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ସଂସ୍କୃତିକୁ ଯୋଡି ଶିକ୍ଷାଦାନ କଲେ ସମାଜ ସୁଧୁରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଦ୍ୟାଳୟ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।



## ସଂକ୍ଷେପରେ

### ବିହନ ବଣ୍ଟନରେ ଅନିୟମିତତା

ଭାପୁର, ୧୩।୧(ଡି.ଏନ୍.ଏ.)
ଢେଙ୍କାନାଳ ସଦର ବ୍ଲକ ଛଦେଶ ଅଞ୍ଚଳରେ ରବି ଫସଲ ବିହନ ବଣ୍ଟନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଧୀରପାଟଣା ପଞ୍ଚାୟତର ଚଷାପଡ଼ା, ଗଙ୍ଗାଧରପ୍ରସାଦ ଗ୍ରାମ ପାଇଁ ୧୫୦ ପ୍ୟାକେଟ ମୁଗ ଓ ବିରି ବିହନ ଆସିଥିଲା। ହେଲେ ତାହା ପ୍ରକୃତ ଚାଷୀଙ୍କ ପାଖରେ ପହଞ୍ଚିନାହିଁ। ଏପରି କି ବିନା ରସିଦରେ ୭୦ ଟଙ୍କା ଲେଖାଏ ଆଦାୟ କରାଯାଉଛି। ଏ ନେଇ ଗ୍ରାମବାସୀ ଜିଲା କୃଷି ଉପନିର୍ଦ୍ଦେଶକଙ୍କୁ ଲିଖିତ ଭାବେ ଅବଗତ କରାଇଛନ୍ତି। ବିହନ ବଣ୍ଟନରେ ସ୍ୱଚ୍ଛତା ଆଣିବାକୁ ପ୍ରଫୁଲ୍ଲ ସାହୁ, ଚନ୍ଦ୍ରମଣି ରାଉତ, ନିମାଇଁ ସାହୁ, ରବୀନ୍ଦ୍ର ସାହୁ, ଅଖିଳ ସାହୁ, ରମେଶ ସାହୁ, ରଞ୍ଜନ ସାହୁ, ଦିବାକର ସାହୁ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ କୃଷି ଉପନିର୍ଦ୍ଦେଶକ ଛବୀନ୍ଦ୍ର ବେହେରା କୁହନ୍ତି, ଅଭିଯୋଗ ହସ୍ତଗତ ହେବା ପରେ ତଦନ୍ତ କରାଯିବ।

### ତାଲା ଭାଙ୍ଗି ଚୋରି

ଢେଙ୍କାନାଳ ଅଫିସ, ୧୩।୧:
ଢେଙ୍କାନାଳ ସହରସ୍ଥିତ କାଲଟାକ୍ସ ଫାଣ୍ଡି ଅଧୀନ ହାଟରୋଡ୍ ଅଞ୍ଚଳର ଶନିବାର ବିଳମ୍ବିତ ରାତିରେ ଦୋକାନ ଘର ତାଲାଭାଙ୍ଗି ଦୁର୍ବୃତ୍ତମାନେ ବହୁ ସାମଗ୍ରୀ ଲୁଟି ନେଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଚୋରମାନେ କ୍ୟାଶବାକ୍ସ ଥିବା ଟେବୁଲ ଉଠାଇ ନେଇଛନ୍ତି। ସେଥିରେ ୯୦ ହଜାର ଟଙ୍କା ଥିବା ଦୋକାନ ମାଲିକ ରଞ୍ଜନ କୁମାର ସାହୁ (୪୭) ଅଭିଯୋଗ କରିଛନ୍ତି। ରବିବାର ଦୋକାନ ଖୋଲିବା ପରେ ଘଟଣା ଜଣାପଡ଼ିଥିଲା। ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

### ୧୬ରୁ ଶିଶିର ମହୋତ୍ସବ

ଢେଙ୍କାନାଳ ଅଫିସ, ୧୩।୧
ଢେଙ୍କାନାଳ ଥିଙ୍କର୍ସ ଫୋରମ୍ ପକ୍ଷରୁ ଜାନୁୟାରୀ ୧୬ରୁ ଗଁଦିଆରେ ଅନୁଷ୍ଠିତ ହେବ ୩ ଦିନିଆ ଶିଶିର ମହୋତ୍ସବ। ଏଥିଲାଗି ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ। ଉଦ୍‌ଘାଟନ ସମାରୋହରେ 'ନୀରବ ବୁଦ୍ଧିଜୀବୀ-ନିଷ୍ପ୍ରଭ ସମାଜ', ୧୭ ତାରିଖରେ 'ମୋ ଗାଁ-ମୋ' ଦେଶ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ସେହିପରି ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବ। ଉଦ୍‌ଯାପନୀ ସମାରୋହର ଆଲୋଚନାର ଶୀର୍ଷକ ରହିଛି 'ଓଡ଼ିଆ ଅସ୍ମିତା, ସଂସ୍କୃତି ଓ ବୌଦ୍ଧିକ ପରମ୍ପରା'। ଏଥିରେ ବହୁ ଜନପ୍ରତିନିଧି, ଶିକ୍ଷାବିତ୍, ସ୍ତମ୍ଭକାର, ସଙ୍ଗୀତଜ୍ଞ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ସନ୍ଧ୍ୟାରେ ଲୋକକଳା, ଲୋକନୃତ୍ୟ ପ୍ରତିଯୋଗିତା, ଆଦିବାସୀ ବାଦ୍ୟନୃତ୍ୟ ପ୍ରଦର୍ଶନ ସମେତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ସଭାପତି ସୁବ୍ରତ ସାହୁ ସୂଚନା ଦେଇଛନ୍ତି।

### ସେମିଫାଇନାଲରେ ବାଲିବୋ




ଭୁବନ, ୧୩।୧(ଡି.ଏନ୍.ଏ.)
ଭୁବନ ବ୍ଲକ ସୁରପ୍ରତାପପୁର ଖେଳପଡ଼ିଆରେ ରବିବାରଠାରୁ ଆରମ୍ଭ ହୋଇଛି ସୁରପ୍ରତାପପୁର କ୍ରିକେଟ୍ ଟୁର୍ନାମେଣ୍ଟ। ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କା, ସରପଞ୍ଚ ମାମିନା ମାଝି, ରାଜନାରାୟଣ ତ୍ରିପାଠୀ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମ ମ୍ୟାଚ୍‌ରେ ଷଡ଼ଙ୍ଗୀ କ୍ରିକେଟ କ୍ଲବକୁ ହରାଇ ବାଲିବୋ କ୍ରିକେଟ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ବାଲିବୋ ଦଳ ପ୍ରଥମେ ବ୍ୟାଟିଂ କରି ମନୋଜ ସେଠୀଙ୍କ ୫୨ରନ୍ ସହାୟତାରେ ୧୮୩ ରନ୍ କରିଥିଲା। ଜବାବରେ ଷଡ଼ଙ୍ଗୀ ୭୫ ରନ କରି ପରାସ୍ତ ହୋଇଥିଲା। ସଞ୍ଜୟ ମହାରଣା, ରଞ୍ଜିତ ମିଶ୍ର ମ୍ୟାଚ୍ ପରିଚାଳନା କରିଥିବାବେଳେ ରାକେଶ ତରାଇ ଧାରାବିବରଣୀ ଦେଇଥିଲେ। ୨୦ ରନ୍ ବ୍ୟୟରେ ୫ ଉଇକେଟ ନେଇଥିବା ସଂଗ୍ରାମ ଜେନା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସୋମବାର ୨ୟ କ୍ୱାର୍ଟର ଫାଇନାଲ ସୁରପ୍ରତାପପୁର ଓ ହାତୀବାରି ମଧ୍ୟରେ ଖେଳାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ଗୋଆରୁ ନାବାଳିକା ଉଦ୍ଧାର

- ସିଡବ୍ଲ୍ୟୁସି ନିକଟରେ ହାଜର କରାଗଲା
- ବିକ୍ରି ଅଭିଯୋଗକୁ ପୋଲିସର ଅସ୍ୱୀକାର
- ଦମ୍ପତିଙ୍କ ପାଖରେ ରହି ପାଠ ପଢୁଥିଲେ
- ସ୍ୱାସ୍ଥ୍ୟପରୀକ୍ଷା ପରେ ଶିଶୁଗୃହରେ ରଖାଗଲା

ଢେଙ୍କାନାଳ ଅଫିସ, ୧୩।୧

ଢେଙ୍କାନାଳ ଜିଲା ଗଁଦିଆ ଥାନା ଅଞ୍ଚଳର ଆଦିବାସୀ ନାବାଳିକା (୧୦ବର୍ଷ)ଙ୍କୁ ଗୋଆରେ ବିକ୍ରି କରାଯାଇ ନ ଥିଲା, ବରଂ ପରିବାର ଲୋକଙ୍କ ଜ୍ଞାତସାରରେ ସେ ଗୋଆ ଯାଇଥିଲେ। ସେଠାରେ ଜନୈକ ଦମ୍ପତିଙ୍କ ପାଖରେ ରହି ପାଠ ପଢୁଥିଲେ। ଦୀର୍ଘଦିନ ଧରି ଯୋଗାଯୋଗ ହୋଇ ନ ପାରିବାରୁ ଝିଅକୁ ବିକ୍ରି କରାଯାଇଥିବା ଆଶଙ୍କାରେ ଥିଲେ ପରିବାର ଲୋକେ। ତେଣୁ ସେମାନେ ଏ ନେଇ ଜିଲା ଶିଶୁ ମଙ୍ଗଳ କମିଟି ନିକଟରେ ଅଭିଯୋଗ କରିଥିଲେ। ଢେଙ୍କାନାଳ ପୋଲିସ ଦ୍ୱାରା ନାବାଳିକା ଉଦ୍ଧାର ହେବା ପରେ ଏପରି ତଥ୍ୟ ପଦାକୁ ଆସିଛି। ନାବାଳିକାଙ୍କୁ ସାଥିରେ ଧରି ପୋଲିସ ଟିମ୍ ରବିବାର ଢେଙ୍କାନାଳରେ ପହଞ୍ଚିବା ପରେ ଜିଲା ଶିଶୁ ମଙ୍ଗଳ କମିଟି ନିକଟରେ ହାଜର କରାଯାଇଥିଲା। ଏହାପରେ ଜିଲା ଚିକିତ୍ସାଳୟରେ ତାଙ୍କର ସ୍ୱାସ୍ଥ୍ୟପରୀକ୍ଷା ପରେ ଏସ୍‌ଡିଜେଏମ୍‌ଙ୍କ ନିକଟକୁ ନିଆଯାଇଥିଲା। ଅପରାହ୍ଣରେ ତାଙ୍କୁ ମହୁଲପଡ଼ାସ୍ଥିତ ଶିଶୁଗୃହରେ ରଖାଯାଇଥିବା ଥାନାଧିକାରୀ ନିରୁପମା ଜେନା ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଝିଅଙ୍କୁ ଗୋଆରେ ବିକ୍ରି କରାଯାଇଥିବା ନେଇ ଜାନୁୟାରୀ ୩ରେ ପରିବାର ଲୋକେ ଜିଲା ଶିଶୁ ମଙ୍ଗଳ କମିଟି ନିକଟରେ ଅଭିଯୋଗ କରିବା ପରେ ଏ ନେଇ ଗଁଦିଆ ଥାନାରେ ନଂ. ୧୦/୧୯ରେ ମାମଲା ରୁଜୁ କରାଯାଇଥିଲା। ଏପରି ସମ୍ବେଦନଶୀଳ ଘଟଣାରେ ପୋଲିସ ଏବଂ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହ ନାବାଳିକାଙ୍କୁ ଉଦ୍ଧାର କରିବାକୁ ଥାନାଧିକାରୀ ନିରୁପମା ଜେନାଙ୍କ ନେତୃତ୍ୱରେ ଏସ୍‌ଆଇ ବିଦ୍ୟୁଲତା ନାୟକ, କନଷ୍ଟେବଲ ଗୀତାରାଣୀ ମଲ୍ଲ, ଏଏସ୍‌ଆଇ ବିନୟ କୁମାର ସାହୁ ପ୍ରମୁଖ ଗୋଆ ଯାଇଥିଲା। ସେଠାକାର କୋଲଭା ପୋଲିସ ସହାୟତାରେ ସମ୍ପୃକ୍ତ ଦମ୍ପତିଙ୍କଠାରୁ ନାବାଳିକାଙ୍କୁ ଉଦ୍ଧାର କରି ଢେଙ୍କାନାଳ ଆଣିଥିଲେ।

ନାବାଳିକାଙ୍କୁ ଦଲାଲଙ୍କ ଜରିଆରେ ବିକ୍ରି କରାଯାଇଥିବା ଅଭିଯୋଗକୁ ଥାନାଧିକାରୀ ଅସ୍ୱୀକାର କରିଛନ୍ତି। ସେ କୁହିଛନ୍ତି, ପରିବାର ଲୋକଙ୍କ ଜଣାଶୁଣା ବାବୁଲି ସ୍ୱାଇଁ ନାମକ ଜଣେ ବ୍ୟକ୍ତି ଗୋଆରେ ଥିବା ଏକ ହୋଟେଲରେ କାମ କରୁଛନ୍ତି। ତାଙ୍କ ସହାୟତାରେ ପ୍ରାୟ ବର୍ଷେ ତଳେ ନାବାଳିକା ଗୋଆ ଯାଇଥିଲେ। ମାଡଗାଁଓ ଜିଲା କୋଲଭା ଥାନା ଫାଟ୍ରେଡ୍ ସହରରେ ରହୁଥିବା ଦମ୍ପତି ମିଗୁଲି ଲୁଇସ୍ ଏବଂ ଆଇଡି ଲୁଇସ୍‌ଙ୍କ ନିକଟରେ ନାବାଳିକା ଜଣକ ଝିଅ ଭାବେ ରହୁଥିଲେ। ସେ ନିକଟ ହୋଲିକମ୍ ସ୍କୁଲରେ ୩ୟ ଶ୍ରେଣୀରେ ପଢୁଛନ୍ତି। ସେଠାକୁ ଯିବା ପରେ ୩ମାସ ଯାଏ ଫୋନ୍‌ରେ ଝିଅ ପରିବାର ଲୋକଙ୍କ ସହ ଯୋଗାଯୋଗରେ ଥିଲେ। ଏହାପରେ କଥାବାର୍ତ୍ତା ବନ୍ଦ ହୋଇଯିବାରୁ ନାନା ଆଶଙ୍କା ସୃଷ୍ଟି ହୋଇଥିଲା। ସବୁଆଡୁ ନିରାଶ ହେବାପରେ ପରିବାର ଲୋକେ ଶିଶୁ ମଙ୍ଗଳ କମିଟିର ଦ୍ୱାରସ୍ଥ ହୋଇଥିଲେ। ଜିଲାପାଳ, ଏସ୍‌ପିଙ୍କ ସମସ୍ତ ବିଷୟରେ ଅବଗତ କରାଯିବାପରେ ଆଇନସେବା ପ୍ରାଧିକରଣ ପକ୍ଷରୁ ମଧ୍ୟ ଏହାର ତଦନ୍ତ କରାଯାଇଥିଲା। ଜିଲା ପ୍ରଶାସନ, ପୋଲିସ, ଆଇନସେବା ପ୍ରାଧିକରଣ, ଶିଶୁ ସୁରକ୍ଷା ବିଭାଗ, ଜିଲା ଶିଶୁ କଲ୍ୟାଣ କମିଟିର ମିଳିତ ଉଦ୍ୟମରେ ନାବାଳିକାଙ୍କୁ ଗୋଆରୁ ଉଦ୍ଧାର କରାଯାଇଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

## ନିଶା ନ ହଟିଲେ ଭୋଟ ବର୍ଜନ

ଢେଙ୍କାନାଳ ଅଫିସ, ୧୩।୧

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ବଳରାମପୁର ମହିଳା ମହାସଂଘ ଏବଂ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ଆନୁକୂଲ୍ୟରେ ରବିବାର ନିଶା ନିବାରଣ ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୀତାରାଣୀ ଦଳେଇ ସଭାପତିତ୍ୱ କରିଥିଲେ। ଆସନ୍ତା ଫେବୃୟାରୀରେ ବିଧାନସଭା ଅଧିବେଶନ ସମୟରେ କଟକରୁ ଭୁବନେଶ୍ୱର ଯାଏ ପଦଯାତ୍ରା କରାଯିବାକୁ ଆହ୍ୱାନ ଦିଆଯାଇଥିଲା। ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ସଭାପତି ଅପର୍ଣ୍ଣା ନାୟକ ଯୋଗଦେଇ କହିଲେ, ନିଶା ହେଉଛି ରାକ୍ଷସ। ଏହା ପରିବାରଠାରୁ ଆରମ୍ଭ କରି ସମାଜକୁ ନଷ୍ଟ କରୁଛି। ନିଶା ହଟାଇବାକୁ ଦୀର୍ଘଦିନ ଧରି ଆନ୍ଦୋଳନ ଜାରି ରହିଛି। ସରକାର ଏହାକୁ ଗୁରୁତ୍ୱର ସହ ବିଚାର ନ କଲେ ଭୋଟ ବର୍ଜନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ସାମାଜିକ କର୍ମୀ ପ୍ରଶାନ୍ତ ମିଶ୍ର ନିଶା ନିବାରଣ ଆଇନ କାର୍ଯ୍ୟକାରୀ କରିବାକୁ ଆହ୍ୱାନ ଦେଇଥିଲେ। ରାଜ୍ୟ ସମ୍ପାଦକ ରମାକାନ୍ତ ମଣ୍ଡଳ, ସରୋଜ ଶତପଥୀ, ନମିତା ପାଣି, ସୁଶାନ୍ତ ଧଳ, ଜୟନ୍ତ ଧଳ, ରୋଜାଲିନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ବଢୁଛି ହାତୀ ଉପଦ୍ରବ



ହାତୀପଲ ଧାନ ଖାଇଯିବା ସହ ବସ୍ତାକୁ ଏଣେତେଣେ ପକାଇଛନ୍ତି।

- ଦନ୍ତା ଆକ୍ରମଣରେ ବୃଦ୍ଧ ଗୁରୁତର
- ଖଳାରୁ ଖାଇଗଲେ ଅମଳ ଧାନ

ଢେଙ୍କାନାଳ ଅଫିସ/ଓଡ଼ାପଡ଼ା (ଡି.ଏନ.ଏ.), ୧୩।୧

ଢେଙ୍କାନାଳ ଜିଲା ସଦର ଏବଂ ଓଡ଼ାପଡ଼ା ବ୍ଲକ ଅଞ୍ଚଳରେ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ଭାଲିଆବୋଲକାଟେଣୀ ଗ୍ରାମର ଜଟିଆ ବେହେରା (୬୦) ରବିବାର ଦନ୍ତା ଆକ୍ରମଣରେ ଗୁରୁତର ହୋଇଛନ୍ତି। ତାଙ୍କ ଡାହାଣ ଜଙ୍ଘରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଜଟିଆ ହାଇସ୍କୁଲ ପଛ ପଟେ ଥିବା ମଇଁଷି ଗୋଠକୁ ଭୋର୍‌ରୁ ଯାଉଥିବାବେଳେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ଦନ୍ତା ତାଙ୍କୁ ଶୁଣ୍ଢରେ ଟେକିନେଇ କଚାଡ଼ି ଦେଇଥିଲା।

ସେହିପରି ଓଡ଼ାପଡ଼ା ତହସିଲ ଅଧୀନ ମଙ୍ଗଳପୁର ଓ କୁସୁପଙ୍ଗା ଅଞ୍ଚଳରେ ଏକ ପଲରେ ୭ ହାତୀ ଲୋକଙ୍କ ନିଦ ହଜାଇ ଦେଇଛନ୍ତି। ପରଜଙ୍ଗ ଅଞ୍ଚଳରୁ ବ୍ରାହ୍ମଣୀ ନଦୀ ପାର ହୋଇ ଶନିବାର ବିଳମ୍ବିତ ରାତିରେ ଉକ୍ତ ହାତୀପଲ ଅଞ୍ଚଳକୁ ପଶିଛନ୍ତି। ହାତୀ ଉପଦ୍ରବରେ ବୁଦ୍ଧିଆ ବେହେରା, କୁଣ୍ଡୁରୁ ବେହେରାଙ୍କ ଧାନଖଳା ଉଜୁଡ଼ି ଯାଇଛି। ଅମଳ ହୋଇ ବସ୍ତାରେ ରଖାଯାଇଥିବା ଧାନ ହାତୀ ଖାଇଦେଇଛନ୍ତି। ମଣ୍ଡିରେ ବିକ୍ରି କରିବାକୁ ରଖାଯାଇଥିବା ଧାନ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ପରେ ଉଭୟେ ମୁଣ୍ଡରେ ହାତଦେଇ ବସିଛନ୍ତି। କ୍ଷତିଗ୍ରସ୍ତଙ୍କୁ ତୁରନ୍ତ କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ରାହୁଲଙ୍କ ସଭାରେ ଯୋଗଦେବେ ୧୦ ହଜାର କର୍ମୀ



ବୈଠକରେ କଂଗ୍ରେସ କର୍ମକର୍ତ୍ତାମାନେ।

ଢେଙ୍କାନାଳ ଅଫିସ, ୧୩।୧

ଆସନ୍ତା ଜାନୁୟାରୀ ୨୫ରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓଡ଼ିଶା ଗସ୍ତରେ ଆସିବେ। ଭୁବନେଶ୍ୱରରେ ହେବାକୁ ଥିବା ସମାବେଶରେ ଢେଙ୍କାନାଳରୁ ୧୦ ହଜାର କର୍ମୀ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏଥିଲାଗି ରବିବାର ଜିଲା କଂଗ୍ରେସ ସଭାପତି ସୁରେଶ ଚନ୍ଦ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ଼ ବିଧାନସଭା ନିର୍ବାଚନରେ କଂଗ୍ରେସର ବିଜୟ ପରେ ସେଠାରେ କୃଷିଋଣ ଛାଡ, ଧାନର ସହାୟକ ମୂଲ୍ୟ ବୃଦ୍ଧି କରାଯାଇଛି। ଓଡ଼ିଶାରେ ମଧ୍ୟ ଅନୁରୂପ ପରିବର୍ତ୍ତନ ହେବ। ୨୦ ବର୍ଷର ସ୍ଥାଣୁ ବିଜେଡି ସରକାରକୁ ହଟାଯିବାକୁ ଯଥାସାଧ୍ୟ ପ୍ରୟାସ କରାଯିବାକୁ ସେ ଆହ୍ୱାନ ଦେଇଥିଲେ।

ଏହି ଅବସରରେ ଏକ କମିଟି ଗଠନ କରାଯାଇଛି। କାର୍ଯ୍ୟକାରୀ ସଭାପତି ସରୋଜ ପଟ୍ଟନାୟକଙ୍କୁ ସଦର, ହିନ୍ଦୋଳ ନିର୍ବାଚନମଣ୍ଡଳୀ ଏବଂ ପ୍ରବାଳକାନ୍ତି ସାହୁଙ୍କୁ କାମାକ୍ଷାନଗର, ପରଜଙ୍ଗ ନିର୍ବାଚନମଣ୍ଡଳୀର ଦାୟିତ୍ୱ ପ୍ରଦାନ କରାଯାଇଛି। ବୈଠକରେ ବରିଷ୍ଠ କର୍ମୀ ନବୀନଚନ୍ଦ୍ର ନାରାୟଣ ଦାସ, ସୁବାସିନୀ ମହାକୁଡ, ମମତାଞ୍ଜଳି ବେହେରା, ସିଦ୍ଧେଶ୍ୱରୀ ପ୍ରସାଦ ମିଶ୍ର, ଅଧକ୍ଷ ବାବୁ ଖାଁ, ରଞ୍ଜନ ନାୟକ, ଶ୍ରୀଧର ସାହୁ, ରୁଦ୍ରପ୍ରକାଶ ଶରଣ, ସୁନୀଲ ଦାଶ, ପ୍ରେମଶଙ୍କର ମିଶ୍ରଙ୍କ ସମେତ ଜୋନ୍, ଟାଉନ୍ ଏବଂ ଏନ୍‌ଏସିର ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଅଞ୍ଜଳି, ସୌମ୍ୟରଞ୍ଜନ ଚାମ୍ପିୟନ

ଢେଙ୍କାନାଳ ଅଫିସ, ୧୩।୧

ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁର ପଞ୍ଚାୟତସ୍ଥିତ ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫୁଟବଲ୍, ଭଲିବଲ୍, ଲମ୍ବଡିଆଁ, ଉଚ୍ଚଡିଆଁ, ଡିସ୍କସ, ଜାଭେଲିନ ଥ୍ରୋ ଆଦି ବିଭାଗରେ ପ୍ରତିଯୋଗିତା ହୋଇଥିଲା। ବାଳିକା ବିଭାଗରେ ଯୁକ୍ତ ୨ ପ୍ରଥମବର୍ଷ ଛାତ୍ରୀ ଅଞ୍ଜଳି ମହାନ୍ତି ଏବଂ ବାଳକ ବିଭାଗରେ ଯୁକ୍ତ ୨ ଦ୍ୱିତୀୟ ବର୍ଷ ଛାତ୍ର ସୌମ୍ୟରଞ୍ଜନ ସାମଲ ଚାମ୍ପିୟନ ହୋଇଛନ୍ତି। ଅଧକ୍ଷ ଚନ୍ଦ୍ରଭାନୁ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ସୁବାସ ଚନ୍ଦ୍ର ମହାନ୍ତି ଯୋଗଦେଇ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡ଼ା ଶିକ୍ଷକ ଅନ୍ତର୍ଯ୍ୟାମୀ ସ୍ୱାଇଁ, ନରେଶ ଚନ୍ଦ୍ର ମହାରଣା, ଅଧ୍ୟାପକ ପ୍ରଭାତ ସାମଲ, ବୀରେନ୍ଦ୍ର ସାହୁ, ଗୁରୁଚରଣ ନାୟକ, ଦିଲୀପ ଦାସ, କୃଷ୍ଣଚନ୍ଦ୍ର ମିଶ୍ର, ଯୁଗଳ କିଶୋର ରାଉତ, ସନ୍ତୋଷ ବେହେରା, ଅଧ୍ୟାପିକା ମମତା ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ୧୭ରୁ ମହିମା ଜ୍ୟୋତିଯାତ୍ରା



ଢେଙ୍କାନାଳ ଅଫିସ, ୧୩।୧

ମହିମା ଧର୍ମର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଜାନୁୟାରୀ ୧୭ ଏବଂ ୧୮ରେ ଅନୁଷ୍ଠିତ ହେବ ବାର୍ଷିକ ମହିମା ଜ୍ୟୋତିଯାତ୍ରା। ଏଥିଲାଗି ପ୍ରସ୍ତୁତ ହୋଇଛି ରୁଟ୍ ମ୍ୟାପ୍।

ମହିମା ଧର୍ମର ଆଦିପୀଠ ତପୋବନରୁ ୧୬ ତାରିଖରେ ଅଖଣ୍ଡ ବ୍ରହ୍ମଜ୍ୟୋତି ଜାଗ୍ରତ କରାଯାଇ ବିଳମ୍ବିତ ରାତିରେ ଯୋରନ୍ଦାକୁ ଅଣାଯିବ। ୧୭ ତାରିଖ ପୂର୍ବାହ୍ନ ୮ଟାରେ ସେଠାରୁ ଜ୍ୟୋତି ବାହାରି ପୂର୍ବାହ୍ନ ୧୦ ସୁଦ୍ଧା କାମାକ୍ଷାନଗର ବ୍ଲକ ବ୍ରାହ୍ମଣୀ ତଟବର୍ତ୍ତୀ ରାୟନୃସିଂହପୁର ପଞ୍ଚାୟତର ମହିମା ଆଶ୍ରମରେ ପହଞ୍ଚିବ। ଏହାପରେ ବ୍ରହ୍ମଜ୍ୟୋତି ପର୍ଯ୍ୟାୟକ୍ରମେ ସୋଗର, କଣପାଳ, ଝଗଡ଼ପଦା, ସୋଗରକାଟେଣୀ, ଇଚ୍ଛାବତୀପୁର କଣ୍ଟାଝରିଆ, ବଡ଼ କୃପାସିନ୍ଧୁ ବାବା ଟୁଙ୍ଗି, ବୋଲୁଅ, ଗୋବିନ୍ଦପୁର, ମାର୍ଥାପୁର, ଯମୁନାକୋଟ ଦେଇ ଅପରାହ୍ଣ ୫ଟାରେ ଦିଘିସ୍ଥିତ ଟୁଙ୍ଗିରେ ପହଞ୍ଚିବ। ସେଠାରେ ରାତିରେ ଧର୍ମସଭା ହେବ। ୧୮ ତାରିଖ ପୂର୍ବାହ୍ନ ୯ଟାରେ ଦିଘିରୁ ପୁନର୍ବାର ଯାତ୍ରା ଆରମ୍ଭ ହୋଇ ସୁରପ୍ରତାପପୁର, ଭୁବନ, ଗଁଦିଆ ବ୍ଲକର ମନ୍ଦାର, ଷଡଙ୍ଗୀ, ଗଁଦିଆ, ଝିଲି, ଆରୁହାଁ ଟୁଙ୍ଗି ପରିକ୍ରମା ସାରି ତପୋବନ ପୀଠକୁ ପ୍ରତ୍ୟାବର୍ତ୍ତନ କରିବ।

କାର୍ଯ୍ୟକ୍ରମ ଚୂଡ଼ାନ୍ତ ଲାଗି କୌପିନଧାରୀ ମହିମା ସମାଜ ସଭାପତି ଶ୍ରୀମଦ୍ ରଘୁନାଥ ବାବା, ଜ୍ୟୋତିଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥ, ତପୋବନ ପତ୍ରିକାର ସମ୍ପାଦକ ପ୍ରଶାନ୍ତ ମହାପାତ୍ର ପ୍ରମୁଖ ଗନ୍ତବ୍ୟସ୍ଥଳ ପରିଦର୍ଶନ କରି ଭକ୍ତଙ୍କ ସହିତ ଆଲୋଚନା କରିଛନ୍ତି।

# ଆନ୍ଦୋଳନ ଚେତାବନୀ ଦେଲେ ବରିଷ୍ଠ ନାଗରିକ

ଭୁବନ, ୧୩।୧(ଡି.ଏନ.ଏ.)

ଭୁବନ ସିନିୟର୍ ସିଟିଜେନ ଜନସ୍ୱାର୍ଥ ସୁରକ୍ଷା ଟ୍ରଷ୍ଟ ପକ୍ଷରୁ ରବିବାର ସ୍ଥାନୀୟ ହନୁମାନ ମନ୍ଦିର ପରିସରରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ସଭାପତି ବ୍ରଜ ରାଉତ ଏଥିରେ ଅଧକ୍ଷତା କରିଥିଲେ। ଦୀର୍ଘଦିନ ଧରି ଭୁବନ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ପଦବୀ ଖାଲି ପଡ଼ିଛି। ଫଳରେ ରୋଗୀ ସମସ୍ୟା ଭୋଗୁଛନ୍ତି। ପୂର୍ବରୁ ଏ ନେଇ ଟ୍ରଷ୍ଟ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ତଥାପି ସୁଫଳ ମିଳୁନାହିଁ। ଏହାର ପ୍ରତିବାଦରେ ଜାନୁୟାରୀ ୨୧ରୁ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି ବରିଷ୍ଠ ନାଗରିକ। ଉପସଭାପତି ସଦାଶିବ ସାହୁ, ସମ୍ପାଦକ ଦୁର୍ଗାପ୍ରସାଦ ପୃଷ୍ଟି, ସହସମ୍ପାଦକ ଚିନ୍ତାମଣି ଦାସ, କୋଷାଧକ୍ଷ ଭିକାରି ସାହୁ, ବରିଷ୍ଠ ନାଗରିକ ରାମଚନ୍ଦ୍ର ନାୟକ, ମାୟାଧର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଟ୍ରଷ୍ଟର କର୍ମକର୍ତ୍ତାମାନେ।

■ଅଙ୍ଗଦାନ ସମ୍ପର୍କିତ ଆଲୋଚନାଚକ୍ର

# ଭେଦଭାବ ମାନବବାଦ୍ ପରିପନ୍ଥୀ

ଢେଙ୍କାନାଳ ଅଫିସ, ୧୩।୧

ସମାଜରେ ବଢୁଥିବା ଭେଦଭାବ, ଅପସଂସ୍କୃତି, କୁସଂସ୍କାର ମାନବବାଦ୍‌ର ପରିପନ୍ଥୀ। ଏପରି ମନୋଭାବ ଦୂର ନ ହେବା ଯାଏ ଜୀବନକୁ ସ୍ୱାଧୀନଭାବେ ଉପଲବ୍ଧି କରାଯାଇପାରିବ ନାହିଁ ବୋଲି କହିଛନ୍ତି ବିଶିଷ୍ଟ ହେତୁବାଦୀ ଇଂ.ରାଜା ସୁରେଶ। ଢେଙ୍କାନାଳ ଜିଲା ଲେଖକ ସଂସଦ ସମ୍ମିଳନୀ କକ୍ଷରେ ଓଡ଼ିଶା ମାନବବାଦୀ ହେତୁବାଦୀ ସଙ୍ଗଠନ ଶାଖା ପକ୍ଷରୁ ଆୟୋଜିତ 'ହେତୁବାଦ ଓ ଶରୀର ଦାନ' ସମ୍ପର୍କିତ ଆଲୋଚନାଚକ୍ରରେ ସେ ଏହା କହିଛନ୍ତି।

ଡା. ପ୍ରତାପ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ମହମ୍ମଦ ସୁକୁର କହିଲେ, ଧର୍ମନିରପେକ୍ଷତା ଓ ସାମାଜିକ ସଦ୍‌ଭାବ ସଭ୍ୟଜୀବନର ମାନଦଣ୍ଡ। ଅନ୍ୟତମ ଅତିଥି ଅଧ୍ୟାପକ ଉମ୍ବରୁଧର ବେହେରା କହିଲେ, ମାନବିକ ପ୍ରୟାସରେ ସମାଜ ସବୁବେଳେ ଅଗ୍ରଗତି କରୁଛି। ଆଦିମ ମଣିଷ ବୈଜ୍ଞାନିକ ଚିନ୍ତାଧାରା ଦିଗରେ ଆଗକୁ ବଢ଼ି ଉନ୍ନତି କରିଚାଲିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ପାଦକ ବିକ୍ରମ ବେହେରା, ବାମଦେବ ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଆଲୋଚନାଚକ୍ରରେ ଅତିଥିମାନେ।

ଦ୍ୱିତୀୟ ଅଧିବେଶନରେ ଅଧ୍ୟାପକ ଧନେଶ୍ୱର ସାହୁ ସଭାପତିତ୍ୱ କରିଥିଲେ। ଆଲୋଚନାଚକ୍ରର ଶୀର୍ଷକ ରହିଥିଲା 'ଅଙ୍ଗଦାନ କ'ଣ ଓ କାହିଁକି'। ଡା. ନିହାର ରଞ୍ଜନ ମହାପାତ୍ର ଉପସ୍ଥିତ ରହି ରକ୍ତଦାନ, ଚକ୍ଷୁଦାନ, ମୃତ୍ୟୁପରେ ଶରୀର ଦାନ ଆଧୁନିକ ଚିକିତ୍ସା ବିଜ୍ଞାନର ଚମତ୍କାରିତା ବୋଲି ବୁଝାଇଥିଲେ। ଏହି ଅବସରରେ ୨୦ଜଣ ମୃତ୍ୟୁ ପରେ ସେମାନଙ୍କ ଶରୀରଦାନ କରିବାକୁ ଘୋଷଣାପତ୍ରରେ ସ୍ୱାକ୍ଷର କରିଥିଲେ। ବନବିହାରୀ ବାରିକ, ମନମୋହନ ମହାପାତ୍ର, ନିତ୍ୟାନନ୍ଦ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

**ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଲ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଣ୍ଡରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ପଞ୍ଚକୁଣ୍ଡୀୟ ଗାୟତ୍ରୀ ଯଜ୍ଞ

ଛେଣ୍ଡିପଦା,୧୩।୧(ଡି.ଏନ.ଏ.)- ଛେଣ୍ଡିପଦା ବ୍ଲକ ଦୁର୍ଗାପୁର ଗ୍ରାମ ନିକଟସ୍ଥ ମଠମୁଣ୍ଡିଆ ପାହାଡ ଉପରେ ଥିବା ଦୁର୍ଗା ମନ୍ଦିର ପରିସରରେ ଷୋଡଶ ବାର୍ଷିକ ପଞ୍ଚ କୁଣ୍ଡୀୟ ଗାୟତ୍ରୀ ଯଜ୍ଞ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପାଠ ପୂଜା, କଳସଯାତ୍ରା, ଦେବ ଆବାହନ, ଧ୍ୱଜାତୋଳନ, ଦୀପ ଯଜ୍ଞ, ଅଖଣ୍ଡ ନାମଯଜ୍ଞ, ସୂର୍ଯ୍ୟ ପୂଜା, ସାମୂହିକ ପୁଷ୍ପାଞ୍ଜଳି, ନାମ ସଂକୀର୍ତ୍ତନ ଆଦି କାର୍ଯ୍ୟକ୍ରମ ହୋଇଥିଲା। ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମନ୍ଦିର ବ୍ୟବସ୍ଥାପକ କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀ ସହଯୋଗ କରିଥିଲେ।

### ବାଇକ୍ ଚୋରି

ତାଳଚେର,୧୩।୧(ନିପ୍ର)- ସ୍ଥାନୀୟ ଟେଲିଫୋନ ଭବନ ନିକଟରେ ରହୁଥିବା ଏମ.ଡି ଯାଦବଙ୍କ ଓଡି୧୯ଇ-୩୯୫୮ ନମ୍ବର ପଲସର ବାଇକଟି ଶନିବାର ରାତିରେ ଚୋରି ହୋଇଯାଇଛି। ତାଳଚେର ଥାନାରେ ଏକ ମକଦ୍ଦମା ରୁଜୁ କରାଯାଇଛି।

### ଶିବରାତ୍ରି ପାଇଁ ପ୍ରସ୍ତୁତି

ବଇଣ୍ଡା,୧୩।୧(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ପାଇକସାହି ଗ୍ରାମରେ ଜାଗର ଯାତ୍ରା ପାଳନ ପାଇଁ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ସଭାପତି କ୍ଷୀରୋଦ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜୟନ୍ତ କୁମାର ପ୍ରଧାନ, ପୀତବାସ ଭୂତିଆ, ନୀରଜକାନ୍ତ ସାହୁ, ସିଦ୍ଧେଶ୍ୱର ନାୟକ, ବୀରବର ପ୍ରଧାନ, ରାଘବ ସାହୁ, ନିରାକାର ସାହୁ, ବିବେକାନନ୍ଦ ପ୍ରଧାନଙ୍କ ସମେତ ଗ୍ରାମବାସୀ ଯୋଗ ଦେଇଥିଲେ। କିଭଳି ଧୁମଧାମରେ ଯାତ୍ରା ପାଳନ କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା।

### ଜିଲା ମୁଖ୍ୟ ଚିକିତ୍ସାଳୟ ପରିଚାଳନାରେ ଢିଲା

# ଖୋଲାରେ ଜଳାଯାଉଛି ବାୟୋ ବର୍ଜ୍ୟବସ୍ତୁ

ଅନୁଗୋଳ ଅଫିସ, ୧୩।୧

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ବାୟୋ ବର୍ଜ୍ୟବସ୍ତୁ ପରିଚାଳନାରେ ପୁଣି କର୍ତ୍ତୃପକ୍ଷଙ୍କ ଢିଲା ପଣ ପଦାକୁ ଆସିଛି।

- ସତ ହୋଇଥିଲେ ମାମଲା ହେବ: ପ୍ରଦୂଷଣ ବିଭାଗ
- ଦେଖିବା ପରେ ପଦକ୍ଷେପ ଗ୍ରହଣ: ସିଡିଏମ୍‌ଓ

ପ୍ରଥମେ ବିନା ସୁରକ୍ଷା ପୋଷାକରେ କର୍ମଚାରୀମାନେ ଏହି ବର୍ଜ୍ୟ ପରିବହନ କରୁଥିବା ଦେଖାଯାଇଥିବା ବେଳେ ଏବେ ଉକ୍ତ ବର୍ଜ୍ୟକୁ ଖୋଲାରେ ଜଳାଯାଉଥିବା ଅଭିଯୋଗ ହେଉଛି।

ପ୍ରକାଶ ଯେ, ମେଡିକାଲ ଲେବର ରୁମ୍‌ରୁ ବାହାରୁଥିବା ସିରିଞ୍ଜ, ସାଲାଇନ୍ ବୋତଲ, ପାଇପ୍, ବ୍ଲଡ୍ ବ୍ୟାଗ, ନବଜାତ ଶିଶୁ ଜନ୍ମ ସମୟରେ ମହିଳାଙ୍କ ଠାରୁ ବାହାରୁ ଥିବା ହ୍ୟୁମାନ ପାର୍ଟ, ବ୍ୟବହୃତ ତୁଳା, ଗଜ୍ କପଡ଼ା ଆଦି ସଂକ୍ରମଣ ବର୍ଜ୍ୟ ହୋଇଥିବାରୁ ତାହାକୁ ସୁରକ୍ଷିତ ଭାବେ ଡବାରେ ରଖାଯାଇ ୱେଷ୍ଟ କଣ୍ଟେନମେଣ୍ଟକୁ ନିଆଯାଇ ସ୍ୱତନ୍ତ୍ର ପଦ୍ଧତିରେ ନଷ୍ଟ କରାଯାଇଥାଏ। ଏହାକୁ ପରିବହନ କରୁଥିବା କର୍ମଚରୀମାନେ ମଧ୍ୟ ସୁରକ୍ଷିତ ରହିବାକୁ ଗ୍ଲୋବ୍ସ, ମାସ୍କ ସହ ଫୁଲ୍ ହାତ ଶାର୍ଟ, ଟ୍ରାଉଜର, ଲଙ୍ଗ୍ ବୁଟ ଓ ଦେହରେ ପ୍ଲାଷ୍ଟିକ ଆପ୍ରୋନ ପିନ୍ଧିଥାନ୍ତି। କିନ୍ତୁ ଏପରି ସଂକ୍ରମଣ ବର୍ଜ୍ୟକୁ ଅତି ସତର୍କତାର ସହ ନଷ୍ଟ କରା ନ ଯାଇ ମେଡିକାଲ ପରିସରରେ ବାହାରେ ପୋଡ଼ାଯାଉଥିବା ରୋଗୀଙ୍କ ସମ୍ପର୍କୀୟ ଏବଂ କଲୋନୀବାସୀ ଅଭିଯୋଗ କରିଛନ୍ତି। କେବଳ ହ୍ୟୁମାନ ପାର୍ଟକୁ ବ୍ଲିଚିଙ୍ଗ ଦେଇ ୱେଷ୍ଟ କୁଣ୍ଡରେ ପକାଯାଉଥିବା ବେଳେ ଅନ୍ୟ ସାମଗ୍ରୀକୁ ୱେଷ୍ଟ କଣ୍ଟେନମେଣ୍ଟ ଘର ପଛପଟେ ପୋଡ଼ି ଦିଆଯାଉଛି। ଏଥିରୁ ବାହାରୁଥିବା ଧୂଆଁ ଉଭୟ ପରିବେଶ ଓ ରୋଗୀଙ୍କ ପାଇଁ ଗଭୀର କ୍ଷତିକାରକ ବୋଲି ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଅଧିକାରୀ ଡ. ଅନୁପ କୁମାର ମଲ୍ଲିକ କହିଛନ୍ତି। ତାଙ୍କ କହିବା ମୁତାବକ, ବାୟୋ ବର୍ଜ୍ୟବସ୍ତୁରେ ନିଆଁ ଲାଗିଲେ ପରିବେଶ ଦୂଷିତ ହେବ। ଏହା ସେଠାରେ ରହୁଥିବା ଜନସାଧାରଣ ଓ ରୋଗୀଙ୍କ ପାଇଁ ସାଂଘାତିକ ଅବସ୍ଥା ସୃଷ୍ଟି କରିବ। ଏ ନେଇ ତୁରନ୍ତ ଆପରାଧିକ ମାମଲା ରୁଜୁ ହେବା କଥା। ତେବେ ମେଡିକାଲ ପରିସରରେ ଏଭଳି ଘଟଣା ଦିନେ କି ଦୁଇ ଦିନ ନୁହେଁ ଦୀର୍ଘ ଦିନ ହେବ ଚାଲିଥିବା ମେଡିକାଲ ପରିସର କ୍ୱାର୍ଟର୍ସରେ ରହୁଥିବା କର୍ମଚାରୀ କହିଛନ୍ତି।

ଘଟଣା ସମ୍ପର୍କରେ ଅନୁଗୋଳ ମେଡିକାଲ ମୁଖ୍ୟ ଚିକିତ୍ସାଧିକାରୀ ତ୍ରିଲୋଚନ ପ୍ରଧାନ କହିଛନ୍ତି, ପୂର୍ବରୁ ଯେଉଁ ଠିକା ସଂସ୍ଥା କାର୍ଯ୍ୟ ନେଇଥିଲା ତାହାର ସମୟସୀମା ସରିଯାଇଛି। ବର୍ତ୍ତମାନ ନୂତନ ଟେଣ୍ଡର ବାହାରିଛି। ଏପରି ହେଉଥିବା କଥା ଜାଣି ନାହିଁ। କେଉଁଠାରେ ଏପରି ହେଉଛି, ଦେଖିବା ପରେ ପଦକ୍ଷେପ ଗ୍ରହଣ କରାଯିବ।



ବର୍ଜ୍ୟବସ୍ତୁକୁ ପୋଡାଯାଉଛି।

# ଆଜିଠାରୁ ସାତକୋଶିଆରେ ବାଘ, ତୃଣଭୋଜୀ ସର୍ବେକ୍ଷଣ

ବନ୍ତଲା, ୧୩।୧ (ଡି.ଏନ.ଏ.)

ଅନୁଗୋଳ ଜିଲା ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରେ ସୋମବାରଠାରୁ ମାଂସାଶୀ ଓ ତୃଣଭୋଜିମାନଙ୍କ ସର୍ବେକ୍ଷଣ କରାଯିବ। ଏହା ୧୯ ତାରିଖ ପର୍ଯ୍ୟନ୍ତ ୬ ଦିନ ଧରି ଚାଲିବ। ପ୍ରଥମ ୩ ଦିନ ମାଂସାଶୀ ଓ ପରେ ତୃଣଭୋଜୀ ପ୍ରାଣୀ, ବୃକ୍ଷ, ଲତା, ଘାସ, ଦ୍ରୁମ ଆଦି ଗଣନା କରାଯିବ।

ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଓ ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡକୁ ନେଇ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ଗଠିତ। ମହାନଦୀ ବନଖଣ୍ଡରେ କୁଶଙ୍ଗ, ଛାମୁଣ୍ଡିଆ, ବାଣିଗୋଛା ପୂର୍ବ ଓ ବାଣିଗୋଛା ପଶ୍ଚିମ ଆଦି ୪ଟି ରେଞ୍ଜ ସହ ସମୁଦାୟ ୩୬ଟି ବିଟ୍ ରହିଛି। ସେହିପରି ସାତକୋଶିଆ ବନଖଣ୍ଡରେ ପମ୍ପାସର, ପୁରୁଣାକୋଟ, ଟିକରପଡ଼ା, ରାଇଗୁଡ଼ା ଓ ଜିଳିଣ୍ଡା ଆଦି ୫ଟି ରେଞ୍ଜ ସହ ୪୫ଟି ବିଟ୍ ରହିଛି। ପ୍ରତିବିଟ୍‌କୁ ନେଇ ଗୋଟିଏ ୟୁନିଟ୍ ଗଠନ ହୋଇଛି। ପ୍ରତ୍ୟେକ ୟୁନିଟ୍‌ରେ ୫ଟି ପ୍ରେସର ଇମ୍ପ୍ରେସର ପ୍ୟାଡ୍ (ପିଆଇପି) କରାଯାଇଛି। ଏହି ପିଆଇପ୍ ମାଧ୍ୟମରେ ବାଘ ଗଣନା କରାଯିବ। ଏଥିସହିତ ପ୍ରତ୍ୟେକ ୟୁନିଟ୍‌ରେ ତୃଣଭୋଜୀ ଓ ଗଛ, ଲତା, ଦ୍ରୁମ ଆଦି ସର୍ବେକ୍ଷଣ ପାଇଁ ଗୋଟିଏ ଲେଖାଏ ଟ୍ରାଞ୍ଜାକ୍ଟ ଲାଇନ କରାଯାଇଛି। ଏହି ଟ୍ରାଞ୍ଜାକ୍ଟ ଲାଇନ ଏକ ସରଳ ରେଖାରେ ୨ କିଲୋମିଟର ପର୍ଯ୍ୟନ୍ତ କରାଯାଇଛି। ପ୍ରତି ୪ ଶହ ମିଟରରେ ବିଭିନ୍ନ ତୃଣଭୋଜୀଙ୍କ ଗର୍ଜନ, ରାମ୍ପୁଡ଼ା, ଲଣ୍ଡି, ମୁତ୍ର ଆଦି ସଂଗ୍ରହ କରିବା ସହିତ ବୃକ୍ଷ, ଲତା, ଦ୍ରୁମ ଆଦି ସର୍ବେକ୍ଷଣ କରାଯିବ। ସେହିପରି ମାଂସାଶୀ ପ୍ରାଣୀ ତଥା ବାଘର ପିଆଇପି ଉପରେ ପଡ଼ିଥିବା ପାଦ ଚିହ୍ନ, ମଳ, ରାମ୍ପୁଡ଼ା ଚିହ୍ନ, ତୃଣଭୋଜି ପ୍ରାଣୀକୁ ମାରି ଖାଇ ଛାଡ଼ି ଦେଇଯାଇଥିବା ଖାଦ୍ୟ ଆଦିକୁ ହିସାବରେ ନିଆଯିବ। ଏଥିପାଇଁ ମୋଟ୍ ଉପରେ ବ୍ୟାଘ୍ର ପ୍ରକଳ୍ପରେ ୮୧ଟି ୟୁନିଟ୍, ୪୦୫ଟି ପିଆଇପ୍ ଓ ୮୧ଟି ଟ୍ରାଞ୍ଜାକ୍ଟ ଲାଇନ କରାଯାଇଛି। ସମୁଦାୟ ୨୪୩ ଜଣ କର୍ମଚାରୀ ଗଣନାରେ ଭାଗ ନେଇଛନ୍ତି। ଏଥିସହିତ ୩୨୦ଟି କ୍ୟାମେରା ଟ୍ରପ୍ ଲଗାଯାଇଛି। ସ୍ୱତନ୍ତ୍ର ଭାବରେ ଇକୋଲୋଜିକାଲ ମୋବାଇଲ ଆପ୍‌ରେ ଗଣନା ହେବ। ପୂର୍ବରୁ ୮୧ଟି ମୋବାଇଲ ଦିଆଯାଇଛି। ଏହାପୂର୍ବରୁ ଗତ ୮ ଓ ୯ ତାରିଖରେ ଉଭୟ ବନଖଣ୍ଡରେ ଟ୍ରେନିଂ ଦିଆଯାଇଥିଲା।

ଏ ବିଷୟରେ ଅତିରିକ୍ତ ପ୍ରଧାନ ବନ ସଂରକ୍ଷକ ତଥା ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ଡ.ସୁଦର୍ଶନ ପଣ୍ଡା କୁହନ୍ତି, ସୋମବାର ଠାରୁ ଗଣନା ଆରମ୍ଭ ହୋଇ ୬ ଦିନ ଚାଲିବ। ଏଥିପାଇଁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଇଛି।

# ଚେତାଶୂନ୍ୟ ଅବସ୍ଥାରେ ଛାତ୍ର ଉଦ୍ଧାର

କାମାକ୍ଷାନଗର, ୧୩।୧(ଡି.ଏନ.ଏ.)

ଢେଙ୍କାନାଳ ଜିଲା ଭୁବନ ଥାନା ମହୀଧରପୁର ଗ୍ରାମ ନିକଟ ଜଙ୍ଗଲରୁ ଜଣେ ୧୦ ବର୍ଷର ଛାତ୍ରଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରାଯାଇଛି। ସେ ହେଲେ ଓଡ଼ିଶ ପଞ୍ଚାୟତ ଭେରୁବଣିଆ ଗ୍ରାମର ବନମାଳୀ ମହାନ୍ତିଙ୍କ ପୁଅ ଦୀପକ। କନ୍ହେଇପାଳକୁ ଟିଉଶନ ଯାଇ ଫେରିବା ବାଟରେ କୌଣସି କାରଣରୁ ତାଙ୍କୁ ଜଣେ ନାବାଳକ ଆକ୍ରମଣ କରିଥିବା ପରିବାର ଲୋକେ କହିଛନ୍ତି। ଜଙ୍ଗଲରେ ଚେତାଶୂନ୍ୟ ଅବସ୍ଥାରେ ପଡ଼ିଥିବାବେଳେ କେତେଜଣ ପରିବା ବ୍ୟବସାୟୀ ତାଙ୍କୁ ଉଦ୍ଧାର କରିଥିଲେ। ପରିବାର ଲୋକଙ୍କ ସହାୟତାରେ ତାଙ୍କୁ ପ୍ରଥମେ କାମାକ୍ଷାନଗର ଓ ପରେ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

# ୧୦୨ ୟୁନିଟ୍ ରକ୍ତ ସଂଗ୍ରହ

ଢେଙ୍କାନାଳ ଅଫିସ, ୧୩।୧

ଢେଙ୍କାନାଳ ସଦର ବ୍ଲକ ମଙ୍ଗଳପୁରସ୍ଥିତ ମା' ହରଚଣ୍ଡୀ ଯୁବକ ସଂଘ ପକ୍ଷରୁ ସ୍ଥାନୀୟ ସତ୍ୟବାଦୀ ହାଇସ୍କୁଲ ପରିସରରେ ରବିବାର ରକ୍ତଦାନ ଶିବିର ଆୟୋଜିତ ହୋଇଛି। ଏଥିରେ ୧୦୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଜିଲା ରକ୍ତଭଣ୍ଡାର ପକ୍ଷରୁ ଡା. ପ୍ରେମାନନ୍ଦ ସାହୁ, ପରମାନନ୍ଦ ପଣ୍ଡା, ରକ୍ତଦାତା ଅନୁପ୍ରେରକ ସଂଘ ସଭାପତି ବିରଞ୍ଚି ନାରାୟଣ ପାଣିଙ୍କ ସମେତ ଆୟୋଜକ ଯୁବକ ସଂଘର ସଦସ୍ୟମାନେ ଶିବିର ପରିଚାଳନାରେ ସହାୟତା କରିଥିଲେ।



ରକ୍ତଦାନ ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

# ଗଦାଧରପୁର, ଆଠମଲ୍ଲିକ ବିଜୟୀ

ବଇଣ୍ଡା, ୧୩।୧(ଡି.ଏନ.ଏ.)

କିଶୋରନଗର ବ୍ଲକ ହିମିତିରା ଗ୍ରାମ ଖେଳ ପଡ଼ିଆଠାରେ ଚାଲିଥିବା ସବିର ମେମୋରିଆର କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ରବିବାର ୪ଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ୍ ଗଦାଧରପୁର ଓ ଆମ୍ବପାଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଗଦାଧରପୁର ବ୍ୟାଟିଂ କରି ୬୮ ରନ କରିଥିଲା। ଜବାବରେ ଆମ୍ବପାଳ ୬୯ ରନ କରି ବିଜୟୀ ହୋଇଥିଲା। ୨ୟ ମ୍ୟାଚ୍ ଆଠମଲ୍ଲିକ ଓ ଦାଦରପାଲି ମଧ୍ୟରେ ଖେଳା ଯାଇଥିଲା। ଦାଦରପାଲି ୯୬ କରିଥିବାବେଳେ ଆଠମଲ୍ଲିକ ୯୮ ରନ କରି ବିଜୟୀ ହୋଇଥିଲା। ସେହିପରି ତୃତୀୟ ମ୍ୟାଚ୍ ହିମିତିରା ଓ ଘୋଷର ମଧ୍ୟରେ ଖେଳାଯାଇଥିଲା। ହିମିତିରା ୧୩୪ ରନ କରିଥିବାବେଳେ ଘୋଷର ୭୦ ରନ କରି ପରାସ୍ତ ହୋଇଥିଲା। ୪ର୍ଥ ମ୍ୟାଚ୍ ମାଧପୁର ଓ ହଣ୍ଡପା ମଧ୍ୟରେ ଖେଳାଯାଇଥିଲା। ପ୍ରଥମେ ହଣ୍ଡପା ୯୨ ରନ କରିଥିବାବେଳେ ଜବାବରେ ମାଧପୁର ୯୪ ରନ କରି ବିଜୟୀ ହୋଇଥିଲା। ଚିନ୍ମୟ ଦେହୁରି, ଅନିଲ ସାହୁ ପରିଚାଳନା କରିଥିଲେ।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ